**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**04th October - 2024**

**News Editor : *Itishree Singh Rathaur***

***********************************

***Desk***

# କେନ୍ଦ୍ର କ୍ୟାବିନେଟ୍

କେନ୍ଦ୍ର କ୍ୟାବିନେଟ୍ ରେଳ କର୍ମଚାରୀଙ୍କପାଇଁ ୭୮ ଦିନର ଉତ୍ପାଦକତା ଆଧାରିତ ବୋନସ୍‌କୁ ମଞ୍ଜୁରି ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନା ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଏବଂ କୃଷୋନ୍ନତି ଯୋଜନା ଅଧୀନରେ  କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଛି । ଦୀର୍ଘସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା ତଥା ଆତ୍ମନିର୍ଭରଶୀଳ ହେବା ଦିଗରେ ପଦକ୍ଷେପ ସ୍ୱରୂପ ଏହି ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ର କ୍ୟାବିନେଟ୍‌ରେ ଖାଇବା ତେଲ ତୈଳବୀଜ ଉପରେ ଜାତୀୟ ମିଶନକୁ ଅନୁମୋଦନ ମିଳିଛି । ଏଥିପାଇଁ ୨୦୨୪-୨୫ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୧୦ ହଜାର ୧୦୩ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ସେହିଭଳି କ୍ୟାବିନେଟ୍‌ରେ ୫ଟି ଭାଷା ମରାଠୀ, ପାଲି, ପ୍ରାକୃତ, ବଙ୍ଗଳା ଏବଂ ଅସମୀୟା ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରାଯାଇଛି ।

***BBSR/R***

## ପୁଞ୍ଜି ବିନିଯୋଗ - ରୋଡ୍ ଶୋ'

ରାଜ୍ୟର ଶିଳ୍ପ ଅନୁକୂଳ ନୀତି ଯୋଗୁଁ ଶିଳ୍ପପତିମାନେ ପୁଞ୍ଜି ବିନିଯୋଗ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି । ନୂଆଦିଲ୍ଲୀରେ ଗତକାଲି ଶିଳ୍ପପତିମାନଙ୍କ ସହ ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରୋଡ୍ ଶୋ'ପାଇଁ ୪ ଶହ ଜଣ ଶିଳ୍ପପତିଙ୍କୁ ଆମନ୍ତ୍ରଣ କରାଯାଇଥିବାବେଳେ ୬ ଶହ ଜଣ ଏଥିରେ ଯୋଗ ଦେଇଥିଲେ । ଆଗାମୀ ଦିନରେ ରାଜ୍ୟରେ ୫ ଲକ୍ଷ କୋଟିରୁ ଅଧିକ ଟଙ୍କା ନିଶ୍ଚିତ ବିନିଯୋଗ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

***IPR***

## ସୁଭଦ୍ରା ଯୋଜନା

ରାଜ୍ୟରେ ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ଆସନ୍ତା ୯ ତାରିଖ ବୁଧବାର ଦିନ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଥମ କିସ୍ତି ପ୍ରଦାନ କରାଯିବ । ଭୁବନେଶ୍ୱର ଲୋକସେବା ଭବନରେ ଏନେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରିଛନ୍ତି । ବୈଠକରେ ପ୍ରଥମ ପର୍ଯ୍ୟାୟରେ ପ୍ରଥମ କିସ୍ତି ପାଇଥିବା ହିତାଧିକାରୀଙ୍କଠାରୁ ମତାମତ ସଂଗ୍ରହ ପାଇଁ ଶ୍ରୀମତୀ ଗର୍ଗ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ସୂଚନା

ଅନୁସାରେ, ଗତମାସ ୧୭ ତାରିଖରେ ସୁଭଦ୍ରା ଯୋଜନାର ୨୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିଲା । ଗତକାଲି ସୁଦ୍ଧା ଏହି ଯୋଜନାରେ ୯୮ ଲକ୍ଷ ପଞ୍ଜୀକରଣ ହୋଇଥିବା ସୂଚନା ମିଳିଛି ।

***BBSR/R***

## ଆଇ.ଡି.ଏସ୍.ପି. - ଓଡ଼ିଶା

ବିଭିନ୍ନ ଜଟିଳ ରୋଗ ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ସବିଶେଷ ତଥ୍ୟ ପ୍ରଦାନ ଏବଂ ସେଠାରୁ ଆସୁଥିବା ଚିକିତ୍ସା ମାର୍ଗଦର୍ଶିକାର ଅନୁପାଳନ କରିବାରେ ଓଡ଼ିଶା ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ସମନ୍ୱିତ ସ୍ୱାସ୍ଥ୍ୟ ସୂଚନା ମଞ୍ଚ ଜରିଆରେ ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ରାଜ୍ୟକୁ ଏହି ସଫଳତା ମିଳିଛି । ରାଜ୍ୟର ୧୦ଟି ଜିଲ୍ଲା ଏ କ୍ଷେତ୍ରରେ ୯୭ରୁ ୧୦୦ ପ୍ରତିଶତ ସଫଳତା ହାସଲ କରିଥିବାବେଳେ ଦେବଗଡ଼ ପ୍ରଥମ ସ୍ଥାନରେ ରହିଛି । ଗତ ଜୁଲାଇ ୨ ତାରିଖରୁ ଅକ୍ଟୋବର ପହିଲା ମଧ୍ୟରେ ଜିଲ୍ଲାସ୍ତରୀୟ ପ୍ରଦର୍ଶନକୁ ଆଧାର କରି ମନ୍ତ୍ରଣାଳୟ ପକ୍ଷରୁ ଏହି ମୂଲ୍ୟାୟନ କରାଯାଇଥିବା ଜଣାପଡ଼ିଛି ।

*Desk*

# ସୂଚନା କମିଶନର

ରାଜ୍ୟ ମୁଖ୍ୟ ସୂଚନା କମିଶନର ପଦବୀ ପାଇଁ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ମୁଖ୍ୟ ସୂଚନା କମିଶନର ଭାବେ କାର୍ଯ୍ୟ କରୁଥିବା ଜଳଦ କୁମାର ତ୍ରିପାଠୀଙ୍କ କାର୍ଯ୍ୟକାଳ ଆଜି ଶେଷ ହେଉଥିବାରୁ ଏହି ପଦବୀ ପୂରଣ ପାଇଁ ନଭେମ୍ବର ୨ ତାରିଖ ସୁଦ୍ଧା ଆବେଦନ କରିବା ଲାଗି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି ।

*Desk*

# ହୀରାକୁଦ - ସ୍ଥିତି ଅନୁଧ୍ୟାନ

ହୀରାକୁଦ ଜଳଭଣ୍ଡାର ସ୍ଥିତି ଏବଂ ଏହାର ଭୂକମ୍ପ ନିରାପତ୍ତା ସମ୍ପର୍କରେ ଅନୁଧ୍ୟାନ କରିବାପାଇଁ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତରେ ଆସିବେ ବୋଲି ଜଣାପଡ଼ିଛି । ହୀରାକୁଦ ସମେତ ଦେଶର ୫ଟି ପ୍ରମୁଖ ଜଳଭଣ୍ଡାରର ନିରାପତ୍ତା ଓ ସ୍ଥିତି ଅନୁଧ୍ୟାନପାଇଁ କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟ ଏହି ପଦକ୍ଷେପ ଗ୍ରହଣ କରିଛି । ରାଜସ୍ଥାନ ଜୟପୁର ଏମ୍.ଏନ୍.ଆଇ.ଟି.ର ଏକ ପାଞ୍ଚଜଣିଆ ବିଶେଷଜ୍ଞ ଦଳ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

*Desk*

# ବଡ଼ଓଷା

କଟକସ୍ଥିତ ବାବା ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା ଓ ପଞ୍ଚକ ଯାତ୍ରାର ଶୃଙ୍ଖଳିତ ଆୟୋଜନ ନେଇ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାପାଳ ପ୍ରଭୁଙ୍କ ସୁବ୍ୟବସ୍ଥିତ ନୀତିକାନ୍ତି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସୂଚନା ଅନୁସାରେ, ଆସନ୍ତା ନଭେମ୍ବର ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ପଞ୍ଚକ ଓ ବଡ଼ଓଷା ପାଳନ କରାଯିବ ।

*Desk, Bhadrak/R*

# ନବରାତ୍ରି

ଶାରଦୀୟ ନବରାତ୍ରିର ଦ୍ୱିତୀୟ ଦିବସରେ ଆଜି ମା ବ୍ରହ୍ମଚାରିଣୀଙ୍କୁ ଆରାଧନା କରାଯାଉଛି। ଦେବୀ ଦ୍ୱିଭୁଜାଙ୍କ ଦକ୍ଷିଣ ହସ୍ତରେ ଜପମାଳା ଓ ବାମ ହସ୍ତରେ କମଣ୍ଡଳୁ ଶୋଭାପାଏ। ମା' ଖାଲିପାଦରେ ବିଚରଣ କରୁଥିବା ରୂପରେ ପୂଜା ପାଆନ୍ତି । ମହାଦେବଙ୍କୁ ପତି ରୂପରେ ପାଇବା ପାଇଁ ଦେବୀ ପାର୍ବତୀ କଠିନ ତପସ୍ୟା କରିଥିଲେ । ତାଙ୍କର ସେହି ରୂପକୁ ହିଁ ବ୍ରହ୍ମଚାରିଣୀ ଭାବେ ବିବେଚନା କରାଯାଏ ।

ଭଦ୍ରକ ଜିଲ୍ଲାରେ ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ମା' ଜୟଦୁର୍ଗାଙ୍କର ଆଜି ଅନ୍ନପୂର୍ଣ୍ଣା ବେଶ ଅନୁଷ୍ଠିତ ହୋଇଛି । ଏଥିସହିତ

ବାବାଙ୍କର ଯୋଗୀ, ଦିଗମ୍ବର ଏବଂ ବଡ଼ସିଂହାର ବେଶ ହେବା ସହ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀଙ୍କ ସମେତ ପ୍ରମୁଖ ଶକ୍ତିପୀଠଗୁଡ଼ିକରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି ।

***BBSR/R***

# ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆଜି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ତେବେ ଏହା ଓଡ଼ିଶାଠାରୁ ଦୂରରେ ରହୁଥିବାରୁ ରାଜ୍ୟ ଉପରେ ଏହାର ପ୍ରଭାବ କମ୍ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଲଘୁଚାପ ଯୋଗୁଁ ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ସାମାନ୍ୟ ବର୍ଷା ହୋଇପାରେ । ଉତ୍ତର ଓ ଦକ୍ଷିଣ ଉପକୂଳ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନ ସହ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଆଦି ଜିଲ୍ଲାର କେତେକ ସ୍ଥାନରେ ଆଜି ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

*****